ଟିପ୍ପଣୀ

# ୧୯
# ବିପରୀତ ଅର୍ଥବୋଧକ ଶବ୍ଦ

## ୧୯.୧ ଉପକ୍ରମ:

କେତେକ ଶବ୍ଦରେ ଥିବା ବିପରୀତ ଭାବକୁ ପ୍ରକାଶ କରିବା ପାଇଁ ଆଉ ଏକ ଶବ୍ଦ ପ୍ରୟୋଗ ହୁଏ । ଏଗୁଡ଼ିକୁ ପରସ୍ପରର ବିପରୀତ ଅର୍ଥବୋଧକ ଶବ୍ଦ କୁହାଯାଏ ।

ଯଥା:- ସୁଖ-ଦୁଃଖ, ଧନୀ-ଦରିଦ୍ର ।

ମନେ ରଖିବାକୁ ହେବ ବିପରୀତ ଅର୍ଥବୋଧକ ଓ ନାସ୍ତିବୋଧକ ଶବ୍ଦ ସମାନ ନୁହେଁ । ଭାଷା ପ୍ରୟୋଗର କ୍ଷମତା ବୃଦ୍ଧି ଏବଂ ଉନ୍ନତ ଶୈଳୀରେ ନିଜକୁ ବ୍ୟକ୍ତ କରିବା ପାଇଁ ଏପରି ଶବ୍ଦ ଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିମ୍ନରେ କେତେକ ଉଦାହରଣ ପ୍ରଦାନ କରାଗଲା ।

## ୧୯.୨ ବିପରୀତ ଅର୍ଥବୋଧକ ଶବ୍ଦ:

| | | |
|---|---|---|
| ଆରମ୍ଭ- ଶେଷ | ଦରିଦ୍ର- ଧନୀ | ଅଗ-ମୂଳ |
| ଆକାଶ-ପାତାଳ | ବିନାଶ- ସୃଷ୍ଟି | ଅଧିକ- ସ୍ୱଳ୍ପ |
| ଏକମତ- ବହୁମତ | ଓଦା- ଶୁଖିଲା | କଞ୍ଚା-ପାଚିଲା |
| ଓହ୍ଲାଇବା- ଚଢ଼ିବା | ବୁଦ୍ଧିଆ- ନିର୍ବୁଦ୍ଧିଆ | ନୂଆ- ପୁରୁଣା |
| ସଂଲଗ୍ନ- ଅସଂଲଗ୍ନ | ମିଠା- ଖଟା | ବୁଡ଼ିବା-ଉଠିବା |
| ମୋଟା- ପତଳା | ଅସଲ- ନକଲ | ଉଠିବା- ପଡ଼ିବା |
| ଭିତର- ବାହାର | ଅନ୍ଧାର- ଆଲୁଅ | ଭଲ- ମନ୍ଦ |

## ୧୯.୩ ନାସ୍ତିବାଚକ ଉପସର୍ଗ ଯୋଗରେ ନିର୍ମିତ ଶବ୍ଦ:

| | |
|---|---|
| ବୁଦ୍ଧିଆ-ନିର୍ବୁଦ୍ଧିଆ, ଅଣବୁଦ୍ଧିଆ | ଆବିଳ- ଅନାବିଳ |
| ଆସ୍ଥା- ଅନାସ୍ଥା | ଅହଙ୍କାରୀ- ନିରହଙ୍କାରୀ |
| ଅର୍ଥ- ଅନର୍ଥ | ଅକଲ- ବେଅକଲ |
| ସତ୍- ଅସତ୍ | ଜ୍ଞାନୀ- ଅଜ୍ଞାନ |
| ଓସାରିଆ- ଅଣ ଓସାରିଆ | କର୍ମୀ-ଅକର୍ମା |
| ଅପରାଧୀ-ନିରପରାଧ | ଅଳ୍ପ- ବହୁତ |

## ବିପରୀତ ଅର୍ଥବୋଧକ ଶବ୍ଦ

| | |
|---|---|
| ଅଭ୍ୟାସ- ଅନଭ୍ୟାସ | ମିଶ୍ର- ଅମିଶ୍ର |
| କପଟ-ଅକପଟ | ଦୋଷୀ- ନିର୍ଦ୍ଦୋଷ |

### ୧୯.୪ ଅନ୍ୟାନ୍ୟ ଉପସର୍ଗ ଯୋଗରେ ନିର୍ମିତ ଶବ୍ଦ:

| | | |
|---|---|---|
| ସୁନାମ-ଦୁର୍ନାମ, ବଦନାମ | ପୁରସ୍କାର-ତିରସ୍କାର | |
| ଅନୁଲୋମ- ବିଲୋମ, ପ୍ରତିଲୋମ | ଅନୁରକ୍ତି- ବିରକ୍ତି | |
| ଆବାହନ- ବିସର୍ଜନ | ଆବିର୍ଭାବ- ତିରୋଭାବ, ତିରୋଧାନ | |
| ସବଳ-ଦୁର୍ବଳ | ଅସୀମ- ସସୀମ | |
| ଅପଚୟ- ଉପଚୟ | ପ୍ରଶଂସା- ନିନ୍ଦା | ଅମୃତ- ବିଷ |
| ସଦାଚାର- ବ୍ୟଭିଚାର | ଆଗମନ- ପ୍ରତ୍ୟାଗମନ | ଯଶ- ଅପଯଶ |
| ଅନୁକୂଳ- ପ୍ରତିକୂଳ | ଆସକ୍ତି- ନିରାସକ୍ତ | ପାପ- ପୁଣ୍ୟ |
| ଗାଢ଼- ପତଳା | ପ୍ରଦୋଷ- ପ୍ରତ୍ୟୁଷ | |
| ସୁଲଭ- ଦୁର୍ଲଭ | ଦୂର- ନିକଟ, ଅଦୂର | |
| ଅନୁରାଗ- ବିରାଗ | ପ୍ରଖର-ମନ୍ଥର | |

•••